# NATIONAL NEWS BULLETIN (ODIA)

## 20 February - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ଅବସରରେ ବିଭିନ୍ନ ରାଷ୍ଟ୍ର ମୁଖ୍ୟ ଏବଂ ବିଶ୍ୱସ୍ତରୀୟ ବ୍ୟାବସାୟିକ ନେତୃବୃନ୍ଦଙ୍କ ସହ ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ।
- ଆସାମରେ ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍-୨ର ଆଜି ଶୁଭାରମ୍ଭ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଭାରତ ଏକ ସଶକ୍ତ ତଥା ବିଶ୍ୱସ୍ତ ସ୍ତମ୍ଭ ଭାବେ ଉଭା ହୋଇଛି, କହିଲେ ବାଣିଜ୍ୟ ମନ୍ତ୍ରୀ ।
- ରାଫେଲ ଯୁଦ୍ଧ ବିମାନ କ୍ଷେତ୍ରରେ ଭାରତ ଓ ଫ୍ରାନ୍ସ ମଧ୍ୟରେ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ଉଭୟ ଦେଶ ସମ୍ମତି ପ୍ରଦାନ କରିଛନ୍ତି ବୋଲି ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସୂଚନା ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗତକାଲିର ଏକ ମ୍ୟାଚ୍‌ରେ କାନାଡ଼ାକୁ ୮୨ରନ୍‌ରେ ପରାସ୍ତ କଲା ଆଫ୍‌ଗାନିସ୍ତାନ ।

## ପିଏମ୍

ନୂଆଦିଲ୍ଲୀରେ ଚାଲିଥିବା ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ-୨୦୨୬ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତକାଲି ବିଭିନ୍ନ ରାଷ୍ଟ୍ରର ନେତୃବୃନ୍ଦଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଶ୍ରୀ ମୋଦୀ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ, ଆବୁଧାବିର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲେଦ୍ ବିନ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନାହ୍ୟାଁ, ନେଦରଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ଡିକ୍ ସ୍କୁଫ୍, ସ୍ୱିଜରଲାଣ୍ଡର ରାଷ୍ଟ୍ରପତି ଗାଏ ପାର୍‌ମେଲିନ୍ ଏବଂ ତାଙ୍କର ହେଲିନିକ୍ ଗଣତନ୍ତ୍ରର ପ୍ରତିପକ୍ଷ କିରିଆକୋସ୍ ମିଟ୍‌ସୋ-ଟାକିସ୍‌ଙ୍କ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

କ୍ରାଉନ୍ ପ୍ରିନ୍ସ ଶ୍ରୀ ଅଲ୍‌ନାହ୍ୟାଁ ଓ ଶ୍ରୀ ମୋଦୀ ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି ନେଇ ମତବିନିମୟ କରିବା ସହିତ ଏ ଦିଗରେ ହାସଲ ହୋଇଥିବା ପ୍ରଗତି ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଦ୍ୱିପାକ୍ଷିକ ରଣନୈତିକ, ସାଂସ୍କୃତିକ, ବାଣିଜ୍ୟିକ, ଶକ୍ତି ଏବଂ ଜନସମ୍ପର୍କ ଆଧାରିତ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ଭାରତରେ ସୁପର୍ କମ୍ପ୍ୟୁଟର୍ କ୍ଲଷ୍ଟର

ନିୟୋଜନ, ଗୁଜରାଟର ଗିଫ୍ଟ ସିଟିରେ ଆବୁଧାବି ଜାତୀୟ ନ୍ୟାସନାଲ ବୀମା କମ୍ପାନୀର କାର୍ଯ୍ୟାଳୟ ସ୍ଥାପନ, ସେଣ୍ଟର ଫର ଡେଭ୍‌ଲପ୍‌ମେଣ୍ଟ ଅଫ୍ ଆଡ୍‌ଭାନ୍ସ କମ୍ପ୍ୟୁଟିଂ ଆଦି ପ୍ରକଳ୍ପ ଲାଗି ମହମ୍ମଦ ବିନ୍ ଜାୟେଦ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣା ଚୂଡ଼ାନ୍ତ ହେବା ଆଦି ପ୍ରସଙ୍ଗରେ ଉଭୟ ପକ୍ଷ ଆଲୋଚନା କରିଛନ୍ତି ।

ଶ୍ରୀ ମୋଦୀ ତାଙ୍କର ଡଚ୍ ପ୍ରତିପକ୍ଷଙ୍କ ସହିତ କୃତ୍ରିମ ବୁଦ୍ଧିମତା ମାଧ୍ୟମରେ ଅର୍ଥନୈତିକ ଏବଂ ସାମାଜିକ ରୂପାନ୍ତରୀକରଣ ଉପରେ ବିସ୍ତୃତ ଆଲୋଚନା କରିଛନ୍ତି । ସନ୍ତ୍ରାସବାଦ ବିରୁଦ୍ଧରେ ବିଶ୍ୱସ୍ତରୀୟ ଲଢ଼େଇକୁ ଅଧିକ ସଶକ୍ତ କରିବା ସହିତ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ ହେବା ଉପରେ ଆଲୋକପାତ କରି ଏହାର ଯଥାଶୀଘ୍ର କାର୍ଯ୍ୟକାରିତା ଦିଗରେ ଉଭୟ ନେତା ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି ।

ସ୍ୱିଜରଲାଣ୍ଡ ରାଷ୍ଟ୍ରପତିଙ୍କ ସହିତ ପ୍ରଧାନମନ୍ତ୍ରୀ ବାଣିଜ୍ୟ, ପୁଞ୍ଜିନିବେଶ, ବୈଷୟିକ ଜ୍ଞାନକୌଶଳ ତଥା କୃତ୍ରିମ ବୁଦ୍ଧିମତା ନବସୃଜନତା କ୍ଷେତ୍ରରେ ଭାଗିଦାରୀ ସମେତ ଅନ୍ୟାନ୍ୟ ଅର୍ଥନୈତିକ କ୍ଷେତ୍ରରେ କିଭଳି ଦ୍ୱିପକ୍ଷିୟ ସମ୍ପର୍କକୁ ସଶକ୍ତ କରାଯାଇପାରିବ ସେ ଦିଗରେ ଆଲୋଚନା କରିଛନ୍ତି ।

ତାଙ୍କ ଗ୍ରିକ୍ ପ୍ରତିପକ୍ଷଙ୍କ ସହିତ ଶ୍ରୀ ମୋଦୀ ଭାରତ-ଗ୍ରୀସ୍ ରଣନୈତିକ ଭାଗିଦାରୀ ସମେତ ବାଣିଜ୍ୟ, ପ୍ରତିରକ୍ଷା, ସୁରକ୍ଷା, କୃତ୍ରିମ ବୁଦ୍ଧିମତା ଓ ଆଧୁନିକ ଜ୍ଞାନକୌଶଳ କ୍ଷେତ୍ରରେ ଦ୍ୱିପକ୍ଷିୟ ସହଯୋଗକୁ

ସମୀକ୍ଷା କରିଛନ୍ତି । ସନ୍ତ୍ରାସବାଦ ବିପକ୍ଷରେ ଭାରତର ଲଢ଼େଇକୁ ଶ୍ରୀ ମିତ୍ସୋ-ଟାକିସ୍ ଦୃଢ଼ ସମର୍ଥନ କରିଥିବାରୁ ଶ୍ରୀ ମୋଦୀ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ପିଏମ୍-ସିଇଓ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀରେ ଯୋଗଦେଇଥିବା ବିଶ୍ୱସ୍ତରୀୟ ପ୍ରତିଷ୍ଠିତ ବ୍ୟବସାୟିକ ନେତୃବୃନ୍ଦଙ୍କ ସହିତ ଆଲୋଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମୋଦୀ କହିଛନ୍ତି, ବିଶ୍ୱର ବହୁ ପ୍ରତିଷ୍ଠିତ କମ୍ପାନୀଗୁଡ଼ିକର ମୁଖ୍ୟ କାର୍ଯ୍ୟ ନିର୍ବାହୀଙ୍କ ସହିତ ହୋଇଥିବା ଏହି ରାଉଣ୍ଡ ଟେବୁଲ୍ ବୈଠକରେ ଏକ ଅନ୍ତଃଦୃଷ୍ଟି ସମ୍ପନ୍ନ ତଥା ଭବିଷ୍ୟତ ଉପଯୋଗୀ କୃତ୍ରିମ ବୁଦ୍ଧିମତା, ନବସୃଜନତା ଏବଂ ଆଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଉପରେ ଆଲୋଚନା କରାଯାଇଛି । ଦାୟିତ୍ୱ ସମ୍ପନ୍ନ ଭାବେ କୃତ୍ରିମ ବୁଦ୍ଧିମତାର ସୁଯୋଗକୁ ସତ୍ ଉପଯୋଗ କରିବା ସହିତ ଏ କ୍ଷେତ୍ରରେ ବିଶ୍ୱସ୍ତରୀୟ ସହଯୋଗକୁ ଅଧିକ ସଶକ୍ତ କରିବା ଏବଂ ଅଭିବୃଦ୍ଧି ଲାଗି ସୁଯୋଗ ସୃଷ୍ଟି କରିବା ଉପରେ ମଧ୍ୟ ମତବିନିମୟ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ଶାହା-ଆସାମ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଆସାମର କାଚାକ୍ ଜିଲ୍ଲାରେ ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍-୨ର ଶୁଭାରମ୍ଭ କରିବେ । ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ଦୃଷ୍ଟିକୋଣକୁ ସାକାର କରିବା ଲାଗି ସୀମାବର୍ତ୍ତୀ ଗ୍ରାମଗୁଡ଼ିକୁ ସୁଦୃଢ଼ କରିବା ଏବଂ ସେହି ଅଞ୍ଚଳରେ ସମାବେଶୀ ବିକାଶକୁ ପ୍ରୋତ୍ସାହନ ଦେବା ସହିତ ନିରନ୍ତର ଜୀବନଜୀବିକା ସୁଯୋଗ ସୃଷ୍ଟି କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ସମ୍ପୃକ୍ତ ଅଞ୍ଚଳରେ ଅତ୍ୟାବଶ୍ୟକୀୟ ଭିତ୍ତିଭୂମିରେ ଉନ୍ନତି ଆଣିବା, ମୌଳିକ ସେବା ଉପଲବ୍ଧତା ବୃଦ୍ଧି କରିବା ସହିତ ସୀମାବର୍ତ୍ତୀ ସମ୍ପ୍ରଦାୟ ଗୁଡ଼ିକୁ ସମୃଦ୍ଧ କରି ବିକଶିତ ଭାରତ ଦୃଷ୍ଟିକୋଣ ସହିତ ସଂଯୋଗ କରିବା ଦିଗରେ ଏହି କାର୍ଯ୍ୟକ୍ରମ ସହାୟକ ହେବ । ଏହାଦ୍ୱାରା ସୀମା ସୁରକ୍ଷା, ସୀମାପାର ଅପରାଧକୁ ରୋକିବା ଏବଂ ଆଭ୍ୟନ୍ତରୀଣ ସୁରକ୍ଷାକୁ ମଜବୁତ କରାଯାଇପାରିବ । ଏହି କେନ୍ଦ୍ରୀୟ କ୍ଷେତ୍ର ଯୋଜନାର ବ୍ୟୟ ଅଟକଳ ୨୦୨୮-୨୯ ଆର୍ଥିକ ବର୍ଷ ସୁଦ୍ଧା ୬ ହଜାର ୮୩୯ କୋଟି ଟଙ୍କା ରହିଛି । ଭାଇବ୍ରାଣ୍ଟ ଭିଲେଜ୍ ପ୍ରୋଗ୍ରାମ୍-୨ କାର୍ଯ୍ୟକ୍ରମକୁ ଦେଶର ୧୫ଟି ରାଜ୍ୟ ଓ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳରେ କାର୍ଯ୍ୟକାରୀ କରାଯିବ ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହା ଆସାମକୁ ତିନିଦିନିଆ ଗସ୍ତରେ ଯାଇ ଗତ ରାତିରେ କାଚାର ଜିଲ୍ଲାର ସିଲ୍‌ଚରଠାରେ ପହଞ୍ଚିଛନ୍ତି । ଏହି ଗସ୍ତ ଅବସରରେ ଆଜି ସେ ଭାରତ-ବାଂଲାଦେଶ ସୀମାରେ ଥିବା ସୀମା ସୁରକ୍ଷା ବଳର ନତୁନପୁର ଆଉଟ୍‌ପୋଷ୍ଟ ପରିଦର୍ଶନ କରିବା ସହ ପରିସ୍ଥିତିର ସମୀକ୍ଷା କରିବେ । ବାରାକ ଅଞ୍ଚଳରେ ଦଳୀୟ କର୍ମୀଙ୍କ ଏକ ସମାବେଶକୁ ଶ୍ରୀ ଶାହା ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଆଗାମୀ ଆସାମ ବିଧାନସଭା ନିର୍ବାଚନ ପାଇଁ ଦଳୀୟ କର୍ମୀଙ୍କୁ ସେ ସାଙ୍ଗଠନିକ କାର୍ଯ୍ୟ ପାଇଁ ପ୍ରୋତ୍ସାହିତ କରିବେ । ଏହାପରେ ଶ୍ରୀ ଶାହା ତ୍ରିପୁରାର ଅଗରତାଲା ଗସ୍ତ କରିବା ସହିତ ସନ୍ଧ୍ୟାରେ ଆସାମ ପ୍ରତ୍ୟାବର୍ତ୍ତନ କରିବେ । ଗୁଆହାଟୀର ଅର୍ଜୁନ ଭୋଗେଶ୍ୱର ବରୁଣ ସ୍ପୋର୍ଟସ୍ କମ୍ପ୍ଲେକ୍ସଠାରେ ଶ୍ରୀ ଶାହା ସି.ଆର.ପି.ଏଫ୍.ର ବାର୍ଷିକ ଉତ୍ସବ ପରେଡ୍‌ରେ ଯୋଗଦେବା ସହିତ ସୋନାପୁରସ୍ଥିତ କାସୁତୋଲିଠାରେ ଦଶମ ଆସାମ ପୁଲିସ୍ ବାଟାଲିୟନ୍‌ର ନୂତନ କ୍ୟାମ୍ପସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

## ଗୋୟଲ୍-ଫୁଡ୍ ସିକ୍ୟୁରିଟି

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ବିଶ୍ୱ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଭାରତ ଏକ ସଶକ୍ତ ତଥା ବିଶ୍ୱସ୍ତ ସ୍ତମ୍ଭ ଭାବେ ଉଭା ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ

ଶ୍ରୀ ଗୋୟଲ କହିଛନ୍ତି, କୃଷିଜାତ ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ବିକାଶ ପ୍ରାଧିକରଣ ଆପେଡ଼ା ମାଧ୍ୟମରେ ହରିଆଣାରୁ ମାଡାଗାସ୍କାର୍‌କୁ ପୋଷଣତତ୍ତ୍ୱରେ ପରିପୂର୍ଣ୍ଣ ୭ ହଜାର ମେଟ୍ରିକ୍ ଟନ୍ ଚାଉଳ ରପ୍ତାନୀ କରାଯାଇଛି । ଏହା ଭାରତର ଉଚ୍ଚମାନର ପୋଷଣତତ୍ତ୍ୱ ତଥା ଆଧୁନିକ ବୈଷୟିକ ଜ୍ଞାନକୌଶଳ ଶକ୍ତିର ପ୍ରତିଫଳନ ବୋଲି ଶ୍ରୀ ଗୋୟଲ କହିଛନ୍ତି । କୃଷି କ୍ଷେତ୍ରରେ ଦେଶର ଆତ୍ମନିର୍ଭରତାକୁ ଅଧିକ ସଶକ୍ତ କରିବା ଏବଂ କୃଷକମାନଙ୍କୁ ସମୃଦ୍ଧ କରିବା ସହିତ ଏକ ବିକଶିତ ଭାରତ ଗଠନ ଦିଗରେ ଏହି ପଦକ୍ଷେପ ସହାୟକ ହେବ ବୋଲି ବାଣିଜ୍ୟ ମନ୍ତ୍ରୀ ମତବ୍ୟକତ କରିଛନ୍ତି ।

## ମାକ୍ରନ୍-ରାଫେଲ

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ କହିଛନ୍ତି, ରାଫେଲ ଯୁଦ୍ଧ ବିମାନ କ୍ଷେତ୍ରରେ ଭାରତ ଓ ଫ୍ରାନ୍ସ ମଧ୍ୟରେ ସହଯୋଗକୁ ଅଧିକ ସଶକ୍ତ କରିବା ଲାଗି ଉଭୟ ଦେଶ ସମ୍ମତି ପ୍ରଦାନ କରିଛନ୍ତି । ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀ ଠାରେ ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ଅବସରରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ୧୧୪ରୁ ଊର୍ଦ୍ଧ୍ୱ ରାଫେଲ୍ ଯୁଦ୍ଧ ବିମାନ ଫ୍ରାନ୍ସରୁ ଆଣିବା ଲାଗି ଭାରତ ଆଗ୍ରହ ପ୍ରକାଶ କରିଛି ଏବଂ ଭବିଷ୍ୟତରେ ମେକ୍ ଇନ୍ ଇଣ୍ଡିଆ ନୀତିରେ ଉଭୟ ଦେଶ ମିଳିତ ଭାବେ ଏହାର

ଉତ୍ପାଦନ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ । ଭାରତ ଓ ଫ୍ରାନ୍ସ ମଧ୍ୟରେ ଏକ ସ୍ୱତନ୍ତ୍ର ବୈଶ୍ୱିକ ରଣନୈତିକ ଭାଗିଦାରୀ କାର୍ଯ୍ୟକାରୀ କରୁଛି' ଏହାକୁ ବିଭିନ୍ନ କ୍ଷେତ୍ରରେ ଅଧିକ ସଶକ୍ତ କରିବା ଲାଗି ଉଭୟ ପକ୍ଷ ପ୍ରତିଶ୍ରୁତିବଦ୍ଧ ବୋଲି ଫ୍ରାନ୍ସ ରାଷ୍ଟ୍ରପତି କହିଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମାକ୍ରନ୍ ତାଙ୍କର ଭାରତ ଗସ୍ତର ଏକ ଭିଡ଼ିଓ ସେୟାର୍ କରିବା ସହିତ ଧନ୍ୟବାଦ ଭାରତ ବୋଲି କହିଛନ୍ତି । ଗତକାଲି ଶ୍ରୀ ମାକ୍ରନ୍ ତାଙ୍କର ସଫଳ ଭାରତ ଗସ୍ତ ଶେଷ କରି ଫ୍ରାନ୍ସ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ-ବଜେଟ୍

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟ ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ବଜେଟ୍ ଉପସ୍ଥାପନ କରିବେ । କାର୍ଯ୍ୟସୂଚୀ ଅନୁଯାୟୀ ଅପରାହ୍ନ ୪ଟାରେ ଏହି ବଜେଟ୍ ଆଗତ କରାଯିବ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କର ଏହା ତୃତୀୟ ବଜେଟ୍ ଉପସ୍ଥାପନ ହେବ । ଗତ ଆର୍ଥିକ ବର୍ଷ ପାଇଁ ସେ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ୍ ଆଗତ କରିଥିଲେ ।

## ଇସି-ଏସ୍ଆଇଆର୍

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କିତ ପ୍ରସ୍ତୁତି କାର୍ଯ୍ୟକୁ ସମ୍ପନ୍ନ କରିବା ଲାଗି ନିର୍ବାଚନ ଆୟୋଗ ଓଡ଼ିଶା ସମେତ ଦେଶର ୨୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ହେଲା – ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ଚଣ୍ଡିଗଡ଼, ଦାଦର ନଗର ହାବେଳି, ଡାମନ ଓ ଡିଉ, ହରିଆଣା, ହିମାଚଳ ପ୍ରଦେଶ, ଜାମ୍ମୁ କାଶ୍ମୀର, ଝାଡ଼ଖଣ୍ଡ, କର୍ଣ୍ଣାଟକ, ଲଦାଖ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ୍, ନାଗାଲାଣ୍ଡ, ଦିଲ୍ଲୀ, ପଞ୍ଜାବ, ସିକ୍କିମ୍, ତ୍ରିପୁରା, ତେଲଙ୍ଗାନା ଓ ଉତ୍ତରାଖଣ୍ଡ । ଆଗାମୀ ଏପ୍ରିଲ୍ ମାସରୁ ଏହି ପ୍ରକ୍ରିୟା ଆରମ୍ଭ ହେବାର ସମ୍ଭାବନା ଥିବାରୁ ଏଥିଲାଗି ପ୍ରାରମ୍ଭିକ କାର୍ଯ୍ୟ ଶେଷ କରିବା ଲାଗି ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏହି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଚାଲୁ ରହିଛି ବୋଲି ଆୟୋଗ କହିଛନ୍ତି ।

## କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗତକାଲି ରାତିରେ ଅନୁଷ୍ଠିତ ଗ୍ରୁପ୍-ଡି'ର ଏକ ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନ କାନାଡ଼ାକୁ

୮୨ରନ୍‌ରେ ପରାସ୍ତ କରିଛି । କାନାଡ଼ା ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ଆଫ୍‌ଗାନିସ୍ତାନ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ୍ ହରାଇ ୨୦୦ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଇବ୍ରାହିମ୍ ଜାଦ୍ରାନ୍ ମାତ୍ର ୫୬ଟି ବଲ୍‌ରୁ ୯୫ରନ୍ କରି ଅପରାଜିତ ରହିଥିଲେ । କାନାଡ଼ାର ଜାସ୍‌କାରାନ୍ ସିଂହ ୩ଟି ୱିକେଟ୍ ଅକ୍ତିଆର କରିଛନ୍ତି । ୨୦୧ରନ୍‌ର ବିଜୟ ଲକ୍ଷ୍ୟ ପିଛା କରି କାନାଡ଼ା ୮ ୱିକେଟ୍ ହରାଇ ମାତ୍ର ୧୧୮ରନ୍ କରିପାରିଥିଲା । ଆଫ୍‌ଗାନିସ୍ତାନର ମହମ୍ମଦ ନବି ୪ଟି ୱିକେଟ୍ ଅକ୍ତିଆର କରିଛନ୍ତି । ଇବ୍ରାହିମ୍ ଜାଦ୍ରାନ୍ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଗତକାଲି କଲମ୍ବୋର ଆର୍. ପ୍ରେମଦାସା ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଜିମ୍ବାୱେ' ଶ୍ରୀଲଙ୍କାକୁ ୬ ୱିକେଟ୍‌ରେ ପରାସ୍ତ କରିଛି । ସେହିଭଳି କୋଲକାତାର ଇଡେନ୍‌ଗାର୍ଡେନ୍ ଠାରେ ଗ୍ରୁପ୍-ସି'ର ଏକ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍' ଇଟାଲିକୁ ୪୨ରନ୍‌ରେ ହରାଇଛି ।

ଆଜି ଶ୍ରୀଲଙ୍କାର ପାଲେକେଲେ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ-ଓମାନ୍ ମଧ୍ୟରେ ମୁକାବିଲା ହେବ । ଏହି ମ୍ୟାଚ୍ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ ।